# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 December - 2024**

**News Editor : *Itishree Singh Rathaur***

## ଏନସିଇଆରଟି-ଶିକ୍ଷାମନ୍ତ୍ରୀ

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ-ଏନ.ସି.ଇ.ଆର.ଟି.ଆସନ୍ତା ଶିକ୍ଷାବର୍ଷଠାରୁ କେତେକ ଶ୍ରେଣୀର ପାଠ୍ୟପୁସ୍ତକର ଦାମ ଶସ୍ତା କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସଂସଦରେ ଏ ସମ୍ପର୍କରେ ସୂଚନାଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏନ.ସି.ଇ.ଆର.ଟି. ଆସନ୍ତା ଶିକ୍ଷାବର୍ଷରୁ ୧୫କୋଟି ଗୁଣାତ୍ମକମାନର ପୁସ୍ତକ ପ୍ରକାଶ କରି ସୁଲଭ ଦରରେ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇଦେବ । ୨୦୨୬-୨୭ ଶିକ୍ଷାବର୍ଷରୁ ନୂତନ ଶିକ୍ଷାନୀତି ଅନୁସାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତିତ ପାଠ୍ୟପୁସ୍ତକ ପ୍ରଦାନ କରାଯିବ ।

ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୪୨ଟି ନୂଆ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ସେଗୁଡିକ ମଧ୍ୟରେ ୮ଟି ନୂଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୭ଟି ନୂଆ ଆଇ.ଆଇ.ଟି, ୮ଟି ନୂଆ ଆଇ.ଆଇ.ଏମ୍, ୨ଟି ଆଇଜର ଓ ଆଇ.ଆଇ.ଏସ୍.ଟି, ଗୋଟିଏ

ଏନ୍.ଆଇ.ଟି ଓ ଆଇ.ଆଇ.ଇ.ଏସ୍.ଟି ଏବଂ ୧୬ଟି ଟ୍ରିପୁଲ ଆଇ.ଆଇ.ଟି ସ୍ଥାପନ କରାଯାଇଛି ।

## ସର୍ଗିଫୁଲ

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ-୨୦୨୪ ଆଜିଠାରୁ ଭୁବନେଶ୍ୱର ୟୁନିଟ୍-୧ ଆଦିବାସୀ ପଡ଼ିଆଠାରେ ଆରମ୍ଭ ହେଉଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୩୦ଟି ଜିଲ୍ଲାରୁ ୩୫୧ ଜଣ ଛାତ୍ର, ୭୩୧ ଜଣ ଛାତ୍ରୀ ଏବଂ ୧୩୯ ଜଣ କ୍ରୀଡ଼ା ଶିକ୍ଷକ ଓ ମାର୍ଗଦର୍ଶୀ ଶିକ୍ଷକ ଭାଗ ନେବେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମ୍ମାନୀତ କରାଯିବ । ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୫୦ଟି ହାଇସ୍କୁଲକୁ ପୁରସ୍କୃତ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ-୨୦୨୪' ଲୋକାର୍ପଣ କରାଯିବ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି  ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଭାଗ ନେବେ ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ପ୍ରଥମ ଦିନରେ ଗତକାଲି କେନ୍ଦୁଝରର ଅଶୋକବାଟିକାରେ ଅନୁଷ୍ଠିତ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀରେ ଯୋଗ ଦେଇଥିଲେ ।

## ଉପମୁଖ୍ୟମନ୍ତ୍ରୀଙ୍କ ଦୁଇ ଜିଲ୍ଲା ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜିଠାରୁ ତିନି ଦିନିଆ ଗସ୍ତରେ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଯିବେ। ଶ୍ରୀମତୀ ପରିଡ଼ା ତାଙ୍କ ଗସ୍ତ ସମୟରେ କୋରାପୁଟ ଜିଲ୍ଲା ମହୋତ୍ସବ 'ପରବ-୨୦୨୪' ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହାବ୍ୟତୀତ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦୁଇ ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର କାର୍ଯ୍ୟାନ୍ୱୟନ ସଂକ୍ରାନ୍ତୀୟ  ସମୀକ୍ଷା ବୈଠକରେ ଭାଗ ନେବେ।

## ଧାନ ସଂଗ୍ରହ

ରାଜ୍ୟର ୧୧ଟି ଜିଲ୍ଲା-ବରଗଡ, ସମ୍ବଲପୁର, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, କୋରାପୁଟ, ଝାରସୁଗୁଡା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଏହି ଜିଲ୍ଲାଗୁଡିକରେ ଧାନ ସଂଗ୍ରହ ପ୍ରକ୍ରିୟାରେ ୩୨୩ଜଣ ସୁପରଭାଇଜର ଏବଂ ୧ହଜାର ୨୮୨ଜଣ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି । ରାଜ୍ୟ ସରକାର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନକିଣା ସହିତ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୨୩ଶହ ଟଙ୍କା ଏବଂ ଇନ୍‌ପୁଟ୍ ସହାୟତା ବାବଦରେ ୮ଶହ ଟଙ୍କା ପ୍ରଦାନ କରୁଛନ୍ତି ।

## ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ କୋରାପୁଟ ଗସ୍ତ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୋରାପୁଟ ଜିଲ୍ଲା ଗସ୍ତରେ ଆସି ଗତକାଲି ବୋରିଗୁମ୍ମା ଧାନମଣ୍ଡି ବୁଲି ଦେଖିଥିଲେ । ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେ ନେଇ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହିତ ଧାନ ମିଲ ମାଲିକମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ।

# ଦିବା ପହୁଡ ନୀତି

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜି ଦିବା ପହୁଡ ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କର ଏହି ନୀତି ପାଇଁ ଅପରାହ୍ନ ୨ଟା ୩୦ମିନିଟ୍‌ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।  ଅନ୍ୟପକ୍ଷରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜି ପହୁଡ ନୀତି ଯୋଗୁଁ ବନ୍ଦ ରହିଛି ।

## ପ୍ରବାସୀ ଶ୍ରମିକ ଦିବସ

ପ୍ରବାସୀ ଶ୍ରମିକ ଏବଂ ସେମାନଙ୍କର ପରିବାରର ଅଧିକାର ଏବଂ ସୁରକ୍ଷା ସହିତ ଦେଶ ଏବଂ ସମାଜ ଗଠନରେ ସେମାନଙ୍କର ଅବଦାନକୁ ଲୋକଲୋଚନକୁ ଆଣିବା ଲାଗି ଆଜି ଆନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ଦିବସ ପାଳନ କରାଯାଉଛି । ଦେଶର ଅର୍ଥନୀତିରେ  ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କର ଅବଦାନ ଏବଂ ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୦୦ମସିହାରୁ ଏହି ଦିବସ ପାଳନ କରାଯାଉଛି ।

# ପାଣିପାଗ

ପଶ୍ଚିମା ଝଡ଼ ପ୍ରଭାବରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ସହିତ ପାଗ କୋହଲା ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ଚାରିଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୩ରୁ ୫ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଆଜି ଘଡ଼ଘଡ଼ି ସହିତ କମ୍‌ରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି କନ୍ଧମାଳ ଜିଲ୍ଲାର ଘୁମୁସର-ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୪ଦଶମିକ ୭ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।

******